# ଓଡ଼ିଆ - ୩୦୫

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର

ପୂର୍ଣ୍ଣ ସଂଖ୍ୟା = ୨୦

ଟିପପଣୀ: (କ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବା ବାଧତା ମୂଳକ । ପ୍ରତ୍ୟେକ ପ୍ରଶ୍ନର ନିର୍ଦ୍ଧାରିତ ମୂଲ୍ୟଙ୍କ ଏହାର ଡାହାଣ ପାର୍ଶ୍ୱରେ ସୂଚିତ ଅଛି ।

(ଖ) ଉତ୍ତର ପୁସ୍ତିକାର ୧ମ ପୃଷ୍ଠାର ଉପର ଅଂଶରେ ନିଜନାମ, ଅନୁକ୍ରମାଙ୍କ, ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟ - ସ୍ୱଷ୍ଟ ଭାବରେ ଲେଖ ।

**ପ୍ରଶ୍ନ - ୧** ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) ଗଣତନ୍ତ୍ର କହିଲେ କ'ଣ ବୁଝ? (ପାଠ - ୩)

(ଖ) ଗ୍ରାମ୍ୟ ପ୍ରକୃତିରେ ଡାଆଣିଆ ଖରାର ଚିତ୍ର କିଭଳି ପ୍ରତିଫଳିତ ହୋଇଛି ତାହା ଉଲ୍ଲେଖ କର । (ପାଠ - ୧୩)

**ପ୍ରଶ୍ନ - ୨** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) ଜଣେ ଆଦର୍ଶ ରାଜା ହେବା ପାଇଁ ଭୀଷ୍ମ ଯୁଧିଷ୍ଠିରଙ୍କୁ କେଉଁ ସବୁ ଉପଦେଶ ଦେଇଥିଲେ? (ପାଠ - ୧୧)

(ଖ) ଆଜିର ସମୟରେ ଉଭୟ ଗାଁ ଓ ସହରୀ ଜୀବନଧାରାରେ ଆସିଥିବା ପରିବର୍ତ୍ତନ ସଂପର୍କରେ ଆଲୋଚନା କର । (ପାଠ - ୧୭)

**ପ୍ରଶ୍ନ - ୩** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) ପାରିବାରିକ ଜୀବନର ତିକ୍ତ-ମଧୁର ଅନୁଭବ କିପରି 'ସକାଳର ମେଘ' ଏକାଙ୍କିକାରେ ରୂପାୟିତ ହୋଇଛି, ତାହା ଉଲ୍ଲେଖ କର । (ପାଠ - ୧୬)

(ଖ) ଓଡ଼ିଶାର ଅରଣ୍ୟ ସଂପଦ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କର । (ପାଠ - ୧୦)

**ପ୍ରଶ୍ନ - ୪** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ x ୧)

(କ) 'ଗଣତନ୍ତ୍ର କେବଳ ଏକ ଶାସନ ପ୍ରଣାଳୀ ନୁହେଁ, ଏହା ଏକ ସଂଯତ ସଭ୍ୟତା । ଏଥିରେ ଅଛି ନୈତିକ ସୌଜନ୍ୟ ।' ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର । (ପାଠ - ୩)

(ଖ) ସାଂପ୍ରତିକ ସମୟରେ 'ଭୀଷ୍ମଙ୍କ ଉପଦେଶ'ର ଉପାଦେୟତା ରହିଛି କି? ଯଦି ଅଛି ତାହା ନିଜସ୍ୱ ଦୃଷ୍ଟିକୋଣରୁ ବିଚାର କରି ଲେଖ । (ପାଠ - ୧୧)

**ପ୍ରଶ୍ନ - ୫** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ x ୧)

(କ) 'ଡାଆଣିଆ ଖରା' କବିତାରୁ କବିଙ୍କର ପଲ୍ଲୀପ୍ରାଣତାର ପରିଚୟ ଦିଅ | (ପାଠ - ୧୩)

(ଖ) ଜଣେ ଅବସରପ୍ରାପ୍ତ ବ୍ୟକ୍ତିର ଅସହାୟତା ଓ ଜୀବନର ବିଫଳତାକୁ 'ରାଜପଥ ଗ୍ରାମପଥ' ଏକାଙ୍କିକା ଅବଲମ୍ବନରେ ଆଲୋଚନା କର | (ପାଠ - ୧୭)

**ପ୍ରଶ୍ନ - ୬** ଯେ କୌଣସି ଗୋଟିଏ ପ୍ରଶ୍ନର ପ୍ରକଳ୍ପ ଅନ୍ୟୂନ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬ x ୧)

(କ) ଓଡ଼ିଶାର ପର୍ବପର୍ବାଣି ସଂପର୍କରେ ଏକ ପ୍ରବନ୍ଧ ଲେଖ | (ପାଠ - ୧୦)

(ଖ) ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ଏକ ବିବରଣୀ ପ୍ରଦାନ କର | (ପାଠ - ୧୦)